# Akashvani, Sambalpur

## SAMBALPURI NEWS EVENING BULLETIN

## 26 August 2026-7.02- 7.12 pm.

---

୧- ଖେଲୋ ଇଣ୍ଡିଆ ଆଲୋଚନାକେ ଆଏବା କାଏଲ୍ ଆଭାସୀ ଜରିଏ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ଜମି ପଞ୍ଜିକରଣ୍ ପ୍ରକ୍ରିୟାକେ ଅଏତ୍‌କା ସ୍ୱଚ୍ଛ ଆଉ ଉତର୍‌ଦାୟୀ କର୍‌ବାର୍ ଲାଗି ସର୍‌କାର୍ ଦେଲେ ଜୋର୍ ।

୩- ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜନମ୍‌ଦିନେ ଆଏଜ୍ ପାଲନ୍ କରାଯାଉଛେ ଇଦ୍-ମିଲାଦ୍-ଉନ୍-ନବୀ ।

ଆଉର୍

୪- ରାଏଜେ ବଏଢ଼୍ ଆଉ ବର୍ଷା ସ୍ଥିତି ଆଏତେ ରହିଛେ- ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ସୂଚ୍‌ନା ।

ପି.ଏମ୍. ଖେଲୋ ଇଣ୍ଡିଆ/ଆର୍‌ଏନ୍‌ୟୁ/କଟକ୍/ ନୂଆପଡ଼ା ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଆଭାସୀ ଜରିଏ ଖେଲୋ ଇଣ୍ଡିଆ ଆଲୋଚନାକେ ସମ୍ବୋଧନ୍ କର୍‌ବେ । ଜାତୀୟ କ୍ରୀଡ଼ା ଦିବସ୍ ୨୦୨୬ ପାଲନ୍‌ର ଅଂଶ ହିସାବେ ମେରା ଯୁବା ଭାରତ୍ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ଦେଶେ ପରିଚାଲିତ୍ ହେବା । ଯେନ୍‌ଥି ଫି' ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ସବୁ ଜିଲ୍ଲାର୍ ୨ ଟା ମହାବିଦ୍ୟାଳୟର୍ ଯୁବାମାନେ ଭାଗ୍ ନେବେ । ଯୁବନେତୃତ୍ୱ, ନାଗରିକ୍ ଦାୟିତ୍ୱ, ସ୍ୱେଚ୍ଛାସେବୀ ମନୋଭାବ୍, ସ୍ୱଚ୍ଛତା ଆଉ ଦେଶ୍ ଗଠନ୍ ଦିଗେ ଇଟା ସାହାଜ୍ କର୍‌ବା । ଯୁଆନ୍ ପିଢ଼ିଙ୍କୁ ଦେଶର୍ କ୍ରୀଡ଼ା ସାଙ୍ଗେ ଜୁଡ଼୍‌ବାର୍ ଲାଗି ଇ ଆଲୋଚନା ଗୁଟେ ସିଧାସଲଖ୍ ମାଧ୍ୟମ୍ ହେବା । ଯେନଥିର୍‌ଲାଗି ସେମାନ୍‌କର୍ ବିଚାର୍ ଆଉ ଦୃଷ୍ଟିକୋଣ ଭାରତ୍‌ର ଯୁବ ଆଉ କ୍ରୀଡ଼ା ବ୍ୟବସ୍ଥାଥି ସାମିଲ୍ ହେଇପାର୍‌ବା । ଓଡ଼ିଶାର୍ ୬୦ ଟା ଅନୁଷ୍ଠାନ୍‌କେ ଇଥିର୍‌ଲାଗି ବଛାଯାଇଛେ । ଛାତ୍ରଛାତ୍ରୀ ଆଉ ଜାତୀୟ ସେବା ଯୋଜ୍‌ନା,

ସ୍ୱେଚ୍ଛାସେବୀ ମାନ୍‌କର୍ ଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ନୂଆପଡ଼ା ନେସ୍‌ନାଲ୍ କଲେଜ୍ ଆଉ ଖଡ଼ିଆଲ୍ ସ୍ୱୟଂଶାସିତ୍ କଲେଜ୍ ଇଥି ଭାଗ୍ ନଉଛନ୍ ।

ଜମି ପଞ୍ଜିକରଣ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଜମି ପଞ୍ଜକରଣ୍ ପ୍ରକିୟାକେ ଅଏତ୍‌କା ସ୍ୱଚ୍ଛ, ଦାୟିତ୍ୱ ସମ୍ପନ୍ନ ଆଉ ନିୟମ୍ ଅନୁପାଲନ୍‌କେ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ସର୍‌କାର୍ ଜୋର୍ ଦଉଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ପଞ୍ଜିକରଣ୍ ପ୍ରକ୍ରିୟାଥି ସ୍ୱଚ୍ଛତା ଆଉ ଦକ୍ଷତା ବୃଦ୍ଧି ଲାଗି ବିଭାଗ୍ ତର୍‌ଫୁ ଭିନ୍ ଭିନ୍ ପ୍ରଯୁକ୍ତି ଭିତିକ୍ ବ୍ୟବସ୍ଥା ଲାଗୁ କରାଯାଇଛେ । ପଞ୍ଜିକରଣ୍ କାର୍ଯ୍ୟାଳୟର୍ କାମ୍‌କାଜ୍‌ର ନିୟମିତ୍ ଭାବେ ତଦାରଖ୍ ଲାଗି ଜିଲ୍ଲାପାଲ୍ ମାନ୍‌କୁ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ନୂଆପଡ଼ା ଜିଲ୍ଲା ନ ଜମି ଜାଲିଆତି, ପଞ୍ଜିକରଣ୍ ଅଭିଯୋଗ୍‌ଥି

କୋମ୍ନା ତହସିଲ୍ଦାର୍, ସବ୍ ରେଜିଷ୍ଟ୍ରାର୍ଙ୍କୁ ନିଲମ୍ବିତ୍ କରାଯାଇଛେ । ଘଟ୍ନାର୍ ଗୁରୁତ୍ୱକେ ନଜର୍ଥି ରଖିକରି ସବୁ ଜିଲ୍ଲାପାଲ୍ ମାନ୍କୁ ନିଜର୍ ଜିଲ୍ଲାର୍ ଅତିରିକ୍ତ ଜିଲ୍ଲାପାଲ୍ ଆଉ ଜିଲ୍ଲା ରେଜିଷ୍ଟ୍ରାର୍ଙ୍କୁ ପଞ୍ଜିକରଣ୍ ବାବଦ୍ କାମ୍ କାଜ୍ର ନିୟମିତ୍ ଯାଂଚ୍ କର୍ବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ । ପ୍ରଯୁକ୍ତିବିଦ୍ୟାର୍ ସବୁନୁ ଅଏତ୍କା ଉପଯୋଗ୍ କରିକରି ପଞ୍ଜିକରଣ୍ ପ୍ରକ୍ରିୟାଥି ସ୍ୱଚ୍ଛତା ଆଉ ଉତର୍ଦାୟିତ୍ୱକେ ସୁନିଶ୍ଚିତ୍ କର୍ବାର୍ଟା ରାଜ୍ୟ ସର୍କାର୍ଙ୍କର୍ ପହେଲା ପ୍ରାଥମିକତା ବଲି ଡକ୍ଟର୍ ପାଢ଼ୀ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଗୋପାଲ୍ପୁର୍ ଗଞ୍ଜାମ୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଗୋପାଲ୍ପୁର୍ ଗସ୍ତକେ ନେଇକରି ଜିଲ୍ଲାପ୍ରଶାସନ୍ ତର୍ଫୁ ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ଗଲାକାଏଲ୍ ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା, ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଧବଳେଶ୍ୱର୍ ମନ୍ଦିର୍, ଆର୍ମି

ଏୟାର୍ ଡିଫେନ୍ସ କଲେଜ୍ ପରିଦର୍ଶନ୍ କରିକରି ବ୍ୟବସ୍ଥାର୍ ସମୀକ୍ଷା କରିଥିଲେ । ଆଏବାକାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ସୁରକ୍ଷିତ୍ ଆଉ ଶୃଙ୍ଖଲିତ୍ କର୍ବାର୍ ଲାଗି ପ୍ରଶାସନ୍ ଆଉ ପୁଲିସ୍‌ର ମିଲିତ୍ ପ୍ରସ୍ତୁତି ଜାରି ରହିଛେ ।

ଇ-ଶ୍ରମ ପୋର୍ଟାଲ୍ ଆର୍‌ଏନ୍‌ୟୁ/ କଟକ୍

ଇ-ଶ୍ରମ ପୋର୍ଟାଲ୍‌କେ ଆଏଜ୍ ୫ ବଛର୍ ପୁରା ହେଇଛେ । ଦେଶର୍ ଅଣ ସଂଗଠିତ୍ କର୍ମଚାରୀମାନ୍‌କର୍ ଲାଗି ସାମାଜିକ୍ ସୁରକ୍ଷାକେ ବର୍‌କସ୍ କର୍‌ବାର୍‌ଥି ଇତାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଶ୍ରମ ନିୟୋଜନ୍ ମନ୍ତ୍ରଣାଲୟ ତର୍‌ଫୁ ୨୦୨୧ ମସିହାଥି ମୁଲ୍ ହେଇଥିବା ଇ - ଶ୍ରମ ପୋର୍ଟାଲ୍ ଅଣସଂଗଠିତ୍ ଶ୍ରମିକ୍‌ମାନ୍‌କର୍ ଲାଗି ଜାତୀୟ ତଥ୍ୟ ବେଙ୍କ୍ ହିସାବେ କାମ୍ କରୁଛେ । ୩୧ କୋଟି ୮୯ ଲାଖ୍ ନୁ ଅଏତ୍‌କା ପଞ୍ଜିକରଣ୍ ସହେତେ ଇ ପୋର୍ଟାଲ୍ କଲ୍ୟାଣ୍‌କାରୀ ଯୋଜ୍‌ନାର୍ ସୁଫଲ୍, ଦକ୍ଷତା ବିକାଶ୍, ନିଯୁକ୍ତି ସୁଯୋଗ୍ ଆର୍ ପେନ୍‌ସନ୍ ସେବା ଦେବାର୍‌ଥି ଗୁଟେ ଏକୀକୃତ କ୍ଷେତ୍ର ଭାବେ କାମ୍ କରୁଛେ ।

୧୫ ଟା ସାମାଜିକ୍ ସୁରକ୍ଷା ଆଉ କଲ୍ୟାଣ୍‌କାରୀ ଯୋଜ୍‌ନା ଇ ପ୍ଲାଟ୍‌ଫର୍ମ ଜରିଏ ମିଲିପାରୁଛେ ।

ସେବା ସଂକଳ୍ପ ଅଭିଯାନ୍        ହି.ସ.

ରାଜ୍ୟ ବିଜେପି କାର୍ଯ୍ୟାଲୟ ନ ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍‌ଙ୍କର୍ ଅଧ୍ୟକ୍ଷତାଥି ସେବା ସଂକଳ୍ପ ଅଭିଯାନ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍‌ଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ ଆଉ ଦଲର୍ ବରିଷ୍ଠ ରାଜ୍ୟ ପଦାଧିକାରୀମାନେ ବୈଠକ୍‌ଥି ଉପସ୍ଥିତ୍ ଥିଲେ ।

ମହମ୍ମଦ୍ ଜୟନ୍ତୀ        ଆର୍‌ଏନ୍‌ୟୁ/ ସମ୍ବଲପୁର/ସୁବର୍ଣ୍ଣପୁର୍

ଇସ୍‌ଲାମ୍ ଧର୍ମର୍ ପ୍ରବର୍ତକ୍ ପୈଗମ୍ବର୍ ହଜ୍‌ରତ୍ ମହମ୍ମଦ୍‌ଙ୍କର୍ ଆଏଜ୍ ହେଉଛେ ଜନମ୍‌ଦିନ୍ । ଇସ୍‌ଲାମ୍ ଧର୍ମାବଲମ୍ବୀମାନ୍‌କର୍

ଲାଗି ଆଝିର୍ ଦିନ୍‌ଟା ଖୋବ୍ ପବିତ୍ର । ସେମାନେ ଆଏଜ୍ ଇଦ୍-ଏ-ମିଲାଦୁନ୍‌ନବୀ ପାଲନ୍ କରିଛନ୍ । ଇ ଅବ୍‌ସରେ ସେମାନେ ଶୋଭାଯାତ୍ରାଥି ବାହାରିକରି ଶାନ୍ତି ଆଉ ସଦ୍‌ଭାବନାର୍ ବାର୍ତା ଦେସନ୍ । ବିଶ୍ୱ ଶାନ୍ତି ଲାଗି ମସ୍‌ଜିଦ୍ ମାନ୍‌କେ ଖାସ୍ ପ୍ରାର୍ଥନା ସଭାର୍ ଆୟୋଜନ୍ କରାଯାଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ସବୁ ମୁସଲ୍‌ମାନ୍ ସମ୍ପ୍ରଦାୟ ଲୁକ୍‌କୁ ଶୁଭେଛା ଜନାବାର୍ ସହେତେ ସମ୍‌କର୍ ସୁଖ୍ ଶାନ୍ତି ଆଉ ସମୃଦ୍ଧିର୍ କାମନା କରିଛନ୍ ।

ସମ୍ବଲ୍‌ପୁର୍ ସହରେ ଇଦ୍-ଏ-ମିଲାଦ ଉନ୍ ନବୀ ଉସ୍‌ନାକିଥି ପାଲିତ୍ ହେଇଛେ । ଭିନ୍ ଭିନ୍ ପଡ଼ାନୁ ଶାନ୍ତି ଶୋଭାଯାତ୍ରାମାନ୍ ଆୟୋଜନ୍ କରାଯାଇଥିଲା । ବହୁତ୍ ଜାଗା ନୁ ମୌଲ୍‌ବୀ ମାନେ ଆସିକରି ଇ ଅବ୍‌ସରେ ଧାର୍ମିକ୍ ମାର୍ଗଦର୍ଶନ୍ ଦେଇଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍, ବିନ୍‌କା, ତର୍‌ଭା, ନାରାୟନ୍‌ପୁର୍ ସହେତେ ଭିନ୍ ଭିନ୍ ଜାଗା ନ ମହମ୍ମଦ୍ ଜୟନ୍ତୀ ଶାନ୍ତିପୂର୍ଣ୍ଣ ଭାବେ ପାଲିତ୍ ହେଇଛେ । ଜିଲ୍ଲାର୍ ମସ୍‌ଜିଦ୍ ନ ନମାଜ୍ ପାଠ୍ ସହେତେ ଶୋଭାଯାତ୍ରା ସହର୍ ପରିକ୍ରମା କରିଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଓ.ଏସ୍.ଏସ୍.ଟି.ଇ.ଟି.     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷକ୍ ଯୋଗ୍ୟତା ପରୀକ୍ଷା ଆଉ ଓଡ଼ିଶା ସେକେଣ୍ଡରୀ ସ୍କୁଲ୍ ଏଲିଜିବିଲିଟି ଟେଷ୍ଟ୍ ଓ.ଏସ୍.ଏସ୍.ଟି.ଇ.ଟି. ଲାଗି ଆବେଦନ୍ ସମିଆ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ପରୀକ୍ଷା ଲାଗି ଆବେଦନ୍‌ର ଶେଷ୍ ସମିଆ ଗଲା ୨୩ ତାରିଖ୍‌ତକ୍ ଥିଲା । ଭିନ୍ ଭିନ୍ ଜାଗା ନ ବଏଡ୍ ସ୍ଥିତି ଲାଗି ରହିଥିବାର୍‌ନୁ ଇ ସମିଆକେ ଆଏବା ୩୦ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ବୋର୍ଡ଼ କର୍ତ୍ତୃପକ୍ଷଙ୍କର୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଡି.ଏଲ୍.ଇ.ଡି     ଆର୍‌ଏନ୍‌ୟୁ/ ସମ୍ବଲପୁର

ଡିପ୍ଲୋମା ଇନ୍ ଏଲିମେଂଟାରୀ ଏଜୁକେସନ୍ ଡି.ଏଲ୍.ଇ.ଡି ପରୀକ୍ଷା ଲାଗି ଆଏବା ୨୮ ନୁ ସେପ୍ଟେମ୍ବର୍ ୬ ତାରିଖ୍‌ତକ ଫର୍ମ ଭରାଯିବା । ଡି.ଏଲ୍.ଇ.ଡି ପହେଲା ଆଉ ୨ ନମ୍ବର୍ ବଛର୍ ଆଉ ବେକ୍ ପେପର୍ ଥିବା ପ୍ରାର୍ଥୀମାନେ ଫି’ ଦାଖଲ୍ କରିକରି

ଅନ୍‌ଲାଇନ୍‌ରୁ ଫର୍ମ ଭରିପାର୍‌ବେ ବଲି ମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଫର୍ମ ସବୁ ଆଏବା ମାସ ୮ ତାରିଖ୍ ଉପର୍‌ବେଲାତକ୍ ୱେବ୍‌ସାଇଟ୍‌ରୁ ଅପ୍‌ଲୋଡ୍ କର୍‌ବାର୍ ଲାଗି ବୋର୍ଡ୍ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ ।

ସଡ଼କ୍ ସୁରକ୍ଷା -ବୌଦ୍ଧ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାରୁ ସଡ଼କ୍ ସୁରକ୍ଷା କମିଟି ସମୀକ୍ଷା ବୈଠକ୍ ହେଇଯାଇଛେ । ଇରୁ ଆଂଚଲିକ୍ ପରିବହନ୍ କାର୍ଯ୍ୟାଳୟ ତର୍‌ଫୁ ଗଲା ୭ ମାସ୍ ଭିତ୍‌ରେ ମୋଟ୍ ୬ ହଜାର୍ ୬ ଶହ ୯୦ ଚାଲାଣ୍ କଟାଯାଇଥିବାର୍ ସୂଚ୍‌ନା ଦିଆଯାଇଛେ । ୧ କୋଟି ୮୪ ଲାଖ୍ ୪ ହଜାର୍ ଟଙ୍କା ଜରିମାନା ଆଦାୟ କରାଯାଇଛେ ।

ଭଲିବଲ୍ କାଉନ୍‌ସିଲ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

କଳିଙ୍ଗ ଭଲିବଲ୍ ଡେଭଲପ୍‌ମେଂଟ୍ କାଉନ୍‌ସିଲ୍‌ର ୨ ନମ୍ବର୍ ଖେପ୍ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ରାଜ୍ୟର୍ ଫି’ ପଂଚାୟତ୍ ନୁ ୧୬ ବଛର୍‌ନୁ କମ୍ ବୟସର୍ ବାଲକ ଆଉ ବାଳିକା ଦଲ୍ ଭାଗ୍ ନେଇପାର୍‌ବେ । ଗାଁ ଇଲାକା ନ ଭଲିବଲ୍ ପ୍ରତିଭାର୍ ବିକାଶ୍ ସହେତେ ୟୁବ ପ୍ରତିଭା ମାନ୍‌କୁ ଗୁଟେ ସୁଯୋଗ୍ ଦେବାର୍‌ଟା ଇ ପ୍ରତିଯୋଗିତାର୍ ମୁଖ୍ୟ ଉଦ୍ଦେଶ୍ୟ ଆଏ ।

ବନ୍ୟା ଆର୍‌ଏନ୍‌ୟୁ/ କଟକ୍

ବଏଢ଼୍ ପ୍ରଭାବିତ୍ ଇଲାକା ନ ଉଦ୍ଧାର୍ କାମ୍, ଖାଦ୍ୟ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା ଆଉ ରିଲିଫ୍ ସାମଗ୍ରୀର୍ କେନ୍‌ସି ଅଭାବ୍ ନାଇଁନ ବଲି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ୍ କହିଛନ୍ । ଶ୍ରୀ ପାଟିଲ୍ କହିଛନ୍, ଦର୍‌କାର୍ ଅନ୍‌ସାରେ ଅଏତ୍‌କା ସମ୍ବଳ ୟୁଗେଇ ଦେବାର୍‌କେ ପ୍ରଶାସନ୍ ପୁରା ପ୍ରସ୍ତୁତ୍ ଅଛେ । ଭିନ୍ ଭିନ୍ ସୁରକ୍ଷା ନିର୍ଦ୍ଦେଶାବଳୀକେ

ପାଲନ୍ କରିକରି ଧନଜୀବନ୍ ସହେତେ ନିଜ୍‌କେ ସୁରକ୍ଷିତ୍ ରଖିବାର୍‌କେ ସେ ଲୁକ୍‌କୁ ଅନୁରୋଧ୍ କରିଛନ୍ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଜାରି ହେଇଥିବା ସୂଚ୍‌ନା ଅନ୍‌ସାରେ ରାଏଜେ ବଏଢ଼୍ ଆଉ ବର୍ଷା ସ୍ଥିତି ନିୟନ୍ତ୍ରଣ୍‌ରେ ଅଛେ । ଗଲା ୧୩ ତାରିଖ୍‌ନୁ ଆଏଜ୍‌ତକ୍ ୧୦ ଟା ଜିଲ୍ଲାର୍ ୯୧ ଟା ବ୍ଲକ୍ ୬ ଶହ ୪ ଟା ଗ୍ରାମ୍‌ପଂଚାୟତ୍ ୮ ଶହ ୯୫ ଟା ଗାଁର୍ ୧୩ ଲାଖ୍ ୫୦ ହଜାର୍ ୩ ଶହ ୬ ଝନ୍ ଲୋକ୍ ପ୍ରଭାବିତ୍ ହେଇଛନ୍ । ବାଲେଶ୍ୱର୍, ଭଦ୍ରକ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆଉ କେନ୍ଦ୍ରାପଡ଼ା ଜିଲ୍ଲା ନ ନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍, ଜଲବନ୍ଦୀ ସମସ୍ୟା, ଘାଇ ହେବାର୍ ଆଉ ଯୋଗାଯୋଗ୍ ବିଚ୍ଛିନ୍ନ ବାଗିର୍ ସବୁ ସମସ୍ୟାକେ ତୁର୍‌ତି ମୁକାବିଲା ଲାଗି ପ୍ରଶାସନ୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ । ବଏଢ଼୍ ଲାଗି ପାଖାପାଖି ୧ ଲାଖ୍ ହେକ୍ଟର୍ ନୁ ଅଏତ୍‌କା ଚାଷ୍ ଜମି ଆଉ ୫ ଲାଖ୍ ୬୦ ହଜାର୍ ୩ ଶହ ୫୬ ପଶୁ ସମ୍ପଦ୍ ପ୍ରଭାବିତ୍ ହେଇଛେ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଉତର୍ ପଶ୍ଚିମ ଝାର୍ଖଣ୍ଡ ଆଉ ଉତର୍ ଓଡ଼ିଶା ପାର୍ କର୍ବାର୍ ସମ୍ଭାବନା ରହିଛେ । ଇତାର ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ଜବର୍ ବର୍ଷା ହେବା ବଲି ବାଲେଶ୍ୱର୍, ଭଦ୍ରକ୍ ଆର୍ ମୟୁର୍ଭଞ୍ଜ୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ ସହେତେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ ଉତ୍ରୁ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭବନା ଅଛେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଆକଲନ୍ କରାଯାଇଛେ । ଇ ମାସ ୧ ତାରିଖ୍ନୁ ଆଏଜ୍ତକ୍ ରାଏଜେ ୩ ଶହ ୪୭ ଦଶ୍ମିକ୍ ୭ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଯେନ୍ଟା ସ୍ୱାଭାବିକ୍ ବର୍ଷାନୁ ୧୬ ଦଶ୍ମିକ୍ ୪ ପ୍ରତିଶତ୍ ଅଏତ୍କା ଆଏ । ସେନ୍ତା ଚଲ୍ତି ମୌସୁମୀ ଋତୁଥି ଏବ୍ତକ୍ ରାଏଜେ ୧୧ ଶହ ୩ ଦଶ୍ମିକ୍ ୯ ମିଲିମିଟର୍ ବର୍ଷା ହେଇଛେ । ଯେନ୍ଟା ସ୍ୱାଭାବିକ୍ ବର୍ଷାନୁ ୩୦ ଦଶ୍ମିକ୍ ୯ ପ୍ରତିଶତ୍ ଅଏତ୍କା ଆଏ । ରାଜ୍ୟର୍ ୨୧ ଟା ଜିଲ୍ଲା ନ ସ୍ୱାଭାବିକ୍ ନୁ ଅଏତ୍କା

ବର୍ଷା ରେକର୍ଡ଼ କରାଯାଇଥିବାର୍ ବେଲେ ୯ ଟା ଜିଲ୍ଲା ନ ଠିକ୍ ବର୍ଷା ହେଇଛେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଞ୍ଜର ୬ ବଜେତକ୍ ୬ ଶହ ୨୩ ଦଶ୍ମିକ୍ ୭/୧ ଫୁଟ୍ ରହିଥିଲା । ଇହାଦେ ୧୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୨ ଲାଖ୍ ୯୦ ହଜାର୍ ଶହେ ୭୭ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୩ ଲାଖ୍ ୬୧ ହଜାର୍ ୯ ଶହ ୭୮ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।